# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 July – 2026**

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ
- ଭବିଷ୍ୟତରେ ପ୍ରଶ୍ନପତ୍ର ପ୍ରଘଟର ପୁନରାବୃତ୍ତି ନ ହେବା ପାଇଁ ସମ୍ମିଳିତ ପଦକ୍ଷେପ ଜରୁରୀ; କହିଲେ ପ୍ରଧାନମନ୍ତ୍ରୀ
- ପଂଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ନେଇ ଆସନ୍ତା ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବ ଘରକୁ ଘର ସର୍ଭେ
- ତୃଣମୂଳସ୍ତରରେ ଅଙ୍ଗନୱାଡି ସେବାକୁ ସୁଦୃଢ଼ କରିବା ପାଇଁ ଗଠନ ହେବ ପରିଚାଳନା କମିଟି

ଏବଂ

- ଶ୍ରୀଜୀଉଙ୍କର ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ ନେଇ ଆଜି ଦକ୍ଷିଣ ମୋଡ ହେଲା ତିନି ରଥ

# ଡେ ପାର୍ଲ୍ୟାମେଣ୍ଟ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଆଜି ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭା ସମ୍ମିଳିତ ହେବାପରେ ହଟ୍ଟଗୋଳ ମଧ୍ୟରେ ବିଭିନ୍ନ କମିଟି ଲାଗି ସଦସ୍ୟ ନିର୍ବାଚନ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଗୃହରେ ଅଧ୍ୟକ୍ଷତା କରୁଥିବା ସଂଧ୍ୟା ରାୟ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବାକୁ ନିବେଦନ କରିଥିଲେ ମଧ୍ୟ ଗୃହରେ ହଟ୍ଟଗୋଳ ଲାଗି ରହିଥିଲା। ପରେ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇ, ଗୃହକାର୍ଯ୍ୟ ପୁନଃ ଆରମ୍ଭ କରାଯାଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ ରଖାଯାଇଛି।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିଲା। ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ଏକତ୍ର ହେବାକ୍ଷଣି ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯାଇ ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି କହିଥିଲେ। ତେବେ ବିରୋଧୀ ସଦସ୍ୟମାନେ ସେଥିପ୍ରତି ଧ୍ୟାନ ଦେଇନଥିଲେ।

ପରେ ରାଜ୍ୟସଭାକୁ ମଧ୍ୟ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ପିଏମ୍-ଏନ୍‌ଡିଏ ମିଟିଂ

ଦେଶରେ ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଭଳି ଘଟଣା ଯେଭଳି ପୁନରାବୃତ୍ତି ନ ହୁଏ ସେଥିଲାଗି ସମସ୍ତଙ୍କର ସମନ୍ୱିତ ପଦକ୍ଷେପର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସଂସଦୀୟ ଦଳର ବୈଠକରେ ଶ୍ରୀ ମୋଦୀ କହିଛନ୍ତି, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଜଡିତ ଲୋକମାନଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ । ଯୁବପିଢ଼ୀଙ୍କ ସ୍ୱାର୍ଥର ସୁରକ୍ଷା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଗଣମାଧ୍ୟମକୁ ସମ୍ବୋଧିତ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ କହିଛନ୍ତି ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ସମ୍ପର୍କରେ ଅବଗତ ହେବାପରେ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

## ପଂଚାୟତ ନିର୍ବାଚନ ପ୍ରସ୍ତୁତି

ରାଜ୍ୟରେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ନେଇ ଭୁବନେଶ୍ୱରଠାରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ

ସଚିବ ସନ୍ତୋଷ କୁମାର ଦାଶ ଅଧ୍ୟକ୍ଷତା କରି କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ଅକ୍ଟୋବର ମାସ ୨୬ ତାରିଖରୁ ନଭେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ଘରକୁ ଘର ସର୍ଭେ କରାଯାଇ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଫେବୃୟାରୀ ୧୦ ତାରିଖ ସୁଦ୍ଧା ସମସ୍ତ ୱାର୍ଡର ଭୋଟର ତାଲିକା ପ୍ରକାଶ ପାଇବ। ଘରକୁ ଘର ସର୍ବେକ୍ଷଣ କରାଯିବା ପାଇଁ ଚଳିତମାସ ୩୧ ତାରିଖ ସୁଦ୍ଧା ଏକ ଦଳ ଗଠନ ହେବ। ଏହି ଦଳରେ ବ୍ଲକ୍‌ସ୍ତରୀୟ ଅଧିକାରୀ-ବିଏଲ୍ଓ, ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ସାମିଲ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି.... **- V/O -**

ଜନଗଣନା ପାଇଁ ପଂଚାୟତ ଓ ପୌର ନିର୍ବାଚନରେ ସାମାନ୍ୟ ବିଳମ୍ବ ହେବ। ପୁରୁଣା ବାଲାଟ ବକ୍ସର ମରାମତି, ନୂଆ ବାଲାଟ ବକ୍ସ କ୍ରୟ ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଜଣେ ଭୋଟର ଦୁଇଟି ସ୍ଥାନରେ ଯେପରି ଭୋଟ ନ ଦେଇ ପାରିବେ ସେ ନେଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ କହିଛନ୍ତି।

ଭୁବନେଶ୍ୱର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଅପରାହ୍ଣରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଏସ୍ଆଇଆର ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ସନ୍ତୁ ଗୋପାଳନ ଗଣମାଧ୍ୟମକୁ ଏସ୍ଆଇଆରର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିବେ।

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୭ ତାରିଖ ସୋମବାର ଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ସେଥିପାଇଁ ଆସନ୍ତାକାଲି ଠାରୁ ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ ହେବ । ଜନସାଧାରଣ **Janasunani.odisha.gov.in** ପୋର୍ଟାଲରେ ପଞ୍ଜିକରଣ କରିପାରିବେ ।

## ଅଙ୍ଗନୱାଡି

ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ-ସିଡିପିଓଙ୍କ ଅଧୀନରେ ପରିଚାଳନା କମିଟି ଗଠନ କରାଯିବ। ଏ ନେଇ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ତୃଣମୂଳସ୍ତରରେ ଅଙ୍ଗନୱାଡି ସେବାକୁ ସୁଦୃଢ଼ କରିବା ପାଇଁ ସକ୍ଷମ ଅଙ୍ଗନୱାଡି ଓ ପୋଷଣ ୨.୦ ଅଧୀନରେ ଏହି କମିଟି ଗଠନ କରାଯିବ। ସୁପରଭାଇଜର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବା ସହ ଅଙ୍ଗନୱାଡି କର୍ମୀ ସଦସ୍ୟ ତଥା ଆବାହକ ରହିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ରଥ-ଦକ୍ଷିଣ ମୋଡ଼

ନବଦିନାତ୍ମକ ଘୋଷଯାତ୍ରା ଅବସରରେ ଜନ୍ମବେଦୀରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଗତକାଲି ପୁରୀରେ ହେରାପଞ୍ଚମୀ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀଜୀଉଙ୍କୁ ପୁଣି ରତ୍ନବେଦୀକୁ ପାଛୋଟି ନେବାପାଇଁ

ଆଜି ତିନି ରଥର ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖରେ ରଖାଯିବ। ଶ୍ରୀଗୁଣ୍ଡିଚା ମନ୍ଦିରରେ ସକାଳ ଧୂପନୀତି ଶେଷ ହେବା ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ’ ମା’ ଲକ୍ଷ୍ମୀଙ୍କ ଅଭିମାନକୁ ଦୃଷ୍ଟିରେ ରଖି ତିନିରଥର ଦକ୍ଷିଣ ମୋଡ଼ ପାଇଁ ଆଜ୍ଞାମାଳ ପ୍ରଦାନ କରିବେ। ପୂଜାପଣ୍ଡା ସେବକମାନେ ଆଜ୍ଞାମାଳ ବିଜେ କରିବା ପରେ ପ୍ରଥମେ ମା’ ସୁଭଦ୍ରାଙ୍କ ଦର୍ପଦଳନ, ପରେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥକ ଦକ୍ଷିଣମୋଡ଼ କରାଯିବ। ହେରାପଞ୍ଚମୀ ନୀତି ପରେ ରଥର ଦକ୍ଷିଣ ମୋଡ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ **ସୌମ୍ୟ ପଣ୍ଡା** ଆକାଶବାଣୀକୁ କହିଛନ୍ତି....

**- V/O –**

## ରଥଯାତ୍ରା-ଜିଲ୍ଲା

**ନୂଆପଡା** ଜିଲ୍ଲା ଖଡିଆଳର ପ୍ରଭୁ ଦଧିବାମନ ଓ ପତିତପାବନ ନବଦିନାତ୍ମକ ଯାତ୍ରାରେ ମାଉସୀ ମା’ ମନ୍ଦିରକୁ ଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ଶ୍ରୀଜଗନ୍ନାଥ ବାମନରୂପେ ପୂଜା ପାଉଥିବାବେଳେ ଯୋଡା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଜନ୍ମମଣ୍ଡପରେ ବିରାଜମାନ ଅଛନ୍ତି।

## କାରାଗାର

ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ କାରାଗାର ବିକାଶ ବୋର୍ଡର ଚତୁର୍ଥ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମତୀ ଗର୍ଗ ରାଜ୍ୟରେ ଥିବା କାରାଗାରଗୁଡ଼ିକର ସୁରକ୍ଷା ବ୍ୟବସ୍ଥାର

ଆଧୁନିକୀକରଣ ଓ ଅନ୍ତେବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଛନ୍ତି। ୨୦ଟି କାରାଗାରରେ କୃତ୍ରିମ ବୁଦ୍ଧିମତ୍ତା-ଏଆଇ ଆଧାରିତ ସିସିଟିଭି ଓ ଭିଡ଼ିଓ ଆନାଲିଟିକ୍ସ ବ୍ୟବସ୍ଥା ସ୍ଥାପନ, କାରାଗାର ପ୍ରାଚୀର ଉଚ୍ଚତା ବୃଦ୍ଧି ସହ ଡ୍ରୋନ୍, ବଡି କ୍ୟାମେରା ଓ ମୋବାଇଲ ଫୋନ୍ ଚିହ୍ନଟ ପାଇଁ ବିଭିନ୍ନ ଆଧୁନିକ ସୁରକ୍ଷା ଉପକରଣ ବ୍ୟବହାର ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହା ସହ କାରାଗାରରେ ଗୁଇନ୍ଦା ୟୁନିଟ୍ ଗଠନ ଏବଂ କର୍ତ୍ତବ୍ୟରେ ଅବହେଳା କ୍ଷେତ୍ରରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ତେବାସୀଙ୍କ ଜୀବନଧାରଣ ମାନର ଉନ୍ନତି ଏବଂ ମୁକ୍ତି ପରେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## କର୍କଟ ସଚେତନତା

**ଭଦ୍ରକ** ଜିଲ୍ଲା ଲାଙ୍ଗୁଡ଼ିସ୍ଥିତ ଘରୋଇ ମୂକ-ବଧିର ବାଳିକା ଉଚ୍ଚବିଦ୍ୟାଳୟରେ କର୍କଟ ରୋଗ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଡାକ୍ତର ନାଗରିକ, ସାମାଜିକ କର୍ମୀ ଯୋଗଦେଇ କର୍କଟ ରୋଗର ନିରାକରଣ, ସଠିକ୍ ସମୟରେ ରୋଗ ଚିହ୍ନଟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ସବୁଜ ପରିବେଶ ସୃଷ୍ଟି ପାଇଁ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ଏସ୍ଆଇଆର

**ନୂଆପଡା** ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) କାର୍ଯ୍ୟ ଜାରି ରହିଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ୧୨ଟି ପ୍ରମାଣପତ୍ର ମଧ୍ୟରୁ ଆଧାରକାର୍ଡ ସହିତ ଯେକୌଣସି ଗୋଟିଏ ପ୍ରମାଣପତ୍ର ଦାଖଲ କରି ତାଲିକାରେ ନାମ ସାମିଲ କରିବାକୁ  ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଖଡିଆଳ ତହସିଲରେ ଏ ସମ୍ପର୍କିତ ଏକ ଯାଞ୍ଚ କାର୍ଯ୍ୟ କରାଯାଇଛି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଆଜି କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ଅଧିକ ବର୍ଷାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଝଡ଼ ବର୍ଷା ହୋଇପାରେ। ଆଗାମୀ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୩ ଦଶମିକ ୫/୦ ଘନଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ

୧ ଲକ୍ଷ ୨୩ ହଜାର ୧୦୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୯୫ ହଜାର ୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି ।